# Akashvani, Sambalpur

## SAMBALPURI NEWS BULLETIN

### 15 November 2025 – 6.47- 6.52 am.

*************************************************

ଜନଜାତୀୟ ଗୌରବ୍ ଦିବସ ଆର୍ଏନ୍‌ୟୁ ସମ୍ବଲ୍‌ପୁର୍

ମହାନ୍ ସ୍ୱାଧୀନତା ସଂଗ୍ରାମୀ ଆଉ ଧରତୀ ଆବ୍‌ବା ବିର୍ସାମୁଣ୍ଡାଙ୍କର୍ ଜୟନ୍ତୀ ଅବ୍‌ସରେ ଆଏଜ୍ ସାରା ଦେଶେ ଜନଜାତୀୟ ଗୌରବ୍ ଦିବସ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଗୁଜୁରାଟର ଡେଡିଆପଡ଼ା ଠାନେ ରାଷ୍ଟ୍ର ଉଦ୍ଦେଶ୍ୟେ ସମର୍ପିତ୍ ୭ ହଜାର୍ ୭ ଶହ କୋଟି ଟଙ୍କାର୍ ଭିନ୍ ଭିନ୍ ଉନ୍ନୟନ୍ ପଦକ୍ଷେପ୍ ମାନ୍‌କର୍ ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଧାନ୍‌ସଭା ପରିସର୍ ନ ଥିବା ଶହୀଦ୍ ବିର୍ସାମୁଣ୍ଡାଙ୍କର୍ ପ୍ରତିମୂର୍ତିଥି ଆଏଜ୍ ସଖାଲ୍‌ବେଲା ମାଲ୍ୟାର୍ପଣ୍ କର୍‌ବେ । ଭୁବ୍‌ନେଶ୍ୱର୍ ମୈଥିଲି ବିହାର୍ ନ ଥିବା ଶହୀଦ୍ ବିର୍ସାମୁଣ୍ଡାଙ୍କର୍ ପ୍ରତିମୂର୍ତି ନ ଭିଲ୍ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଶ୍ରଦ୍ଧାଞ୍ଜଳି ଦିଆଯିବା ।

ସେନ୍ତା ରାଉର୍‌କେଲା ନ ଜନଜାତୀୟ ଗୌରବ୍ ଦିବସ୍ ରାଜ୍ୟସ୍ତରୀୟ ସମାରୋହର୍ ଆୟୋଜନ୍ କରାଯାଇଛେ ।

କେନ୍ଦ୍ର ଜନଜାତି ବ୍ୟାପାର୍ ମନ୍ତ୍ରଣାଳୟ ତର୍ଫୁ ଦେଶର୍ ୧୦ ଟା ରାଏଜେ ଜନଜାତି ସମ୍ପ୍ରଦାୟର୍ ସ୍ୱାଧୀନତା ସଂଗ୍ରାମୀମାନ୍କୁ ସମ୍ମାନ୍ ଜନାବାର୍ ଲାଗି ୧୧ ଟା ସଂଗ୍ରହାଳୟ ଥାପ୍ନା କରାଯାଉଛେ ।

ନୂଆପଡ଼ା ଉପନିର୍ବାଚନ୍        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍ସଭା ଉପନିର୍ବାଚନ୍ଥି ବିଜେପି ପ୍ରାର୍ଥୀ ଜୟ ଢୋଲ୍କିଆ ୧ ଲାଖ୍ ୨୩ ହଜାର୍ ୮ ଶହ ୬୯ ଭୋଟ୍ ପାଇକରି ବିଜୟୀ ହେଇଛନ୍ । ଶ୍ରୀ ଢୋଲ୍କିଆଙ୍କୁ ବିଜୟୀ ଭାବେ ଘୋଷ୍ନା କରାଯିବାର୍ ଉତ୍ରୁ ରିଟର୍ଣ୍ଣିଂ ଅଧିକାରୀ ସୁର୍ମି ସୋରେନ୍ ବିଜୟ ପ୍ରମାଣ୍ ପତ୍ର ହସ୍ତାନ୍ତର୍ କରିଛନ୍ । ତାର୍ ଉତ୍ରୁ ସେ ଭୁବ୍ନେଶ୍ୱର ଯାଇଛନ୍ । ଆଏବା ବିଧାନ୍ସଭା ଅଧିବେଶନ୍ ସମିଆଥି ଶ୍ରୀ ଢୋଲ୍କିଆ ଶପଥ୍ ନେବେ ବଲି ଜନାପଡ଼ିଛେ ।

ଓଡ଼ିଶା ମଣ୍ଡପ୍        ଆର୍ଏନ୍ୟୁ/ ସମ୍ବଲପୁର

ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ନ ଚାଲିଥିବା ଭାରତ୍ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ନ ଓଡ଼ିଶା ମଣ୍ଡପ୍କେ ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍ଘାଟନ୍ କରିଛନ୍ । ଇ ଅବ୍ସରେ ଉପମୁଖ୍ୟମନ୍ତ୍ରୀ

ଭିନ୍ ଭିନ୍ ଷ୍ଟଲ୍ ବୁଲ୍‌ବାର୍ ସହେତେ ଓଡ଼ିଶା ମଣ୍ଡପ୍‌ର ଲୁଭନିଆ ଡିଜାଇନ୍‌କେ ପ୍ରଶଂସା କରିଛନ୍ । ଓଡ଼ିଶା ମଣ୍ଡପ୍ ନ ଇଥର ରାଜ୍ୟର୍ କଳା, ସଂସ୍କୃତି, ଐତିହ୍ୟ ସହେତେ କୃଷି, ଶିଳ୍ପ, ବାଣିଜ୍ୟ ଆଉ ରାଜ୍ୟର୍ ସାମଗ୍ରିକ୍ ବିକାଶ୍‌ର ଚିତ୍ର ଦେଖ୍‌ବାର୍‌କେ ମିଲିଛେ । ଇଥି ରାଜ୍ୟ ସର୍‌କାର୍ ଆଉ ଭିନ୍ ଭିନ୍ ସହଯୋଗ ସଂସ୍ଥା ତର୍‌ଫୁ ୨୮ ଟା ଷ୍ଟଲ୍ ଖୁଲାଯାଇଛେ ।

ଆଲୁ ବୈଠକ୍- ଯୋଗାଣ ମନ୍ତ୍ରୀ I&PR

ରାଏଜେ ସବୁ ସମିଆଥି ଖାଉଟି ମାନ୍‌କର୍ ଲାଗି ଆଲୁ ମହଜୁଦ୍ କରାବାର୍‌କେ ଆଲୁ ଘିନାବିକା କରୁଥିବା ଲୁକ୍‌କର୍ ଗୁଟେ ବୈଠକ୍ ହେଇଯାଇଛେ । ଉତର୍‌ପ୍ରଦେଶ୍ ଉଦ୍ୟାନ୍ କୃଷି ସମବାୟ ମାର୍କେଟିଂ ଫେଡ଼େରେସନ୍, ଉତର୍‌ପ୍ରଦେଶ୍ କୃଷି ଉତ୍ପାଦନ ବଜାର୍ ବୋର୍ଡ଼ ତର୍‌ଫୁ ହେଇଥିବା ଇ ବୈଠକ୍‌ଥି ଓଡ଼ିଶା ନ ଉତର୍‌ପ୍ରଦେଶ୍‌ର ଆଲୁ ବିକ୍ରି କର୍‌ବାର୍ ଉପ୍‌ରେ ଆଲୋଚନା କରାଯାଇଥିଲା । ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୈଠକ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଏଜେ କମ୍ ଦାମ୍‌ଥି ଖାଉଟିମାନ୍‌କୁ ଆଲୁ ଯୁଗେଇ ଦେବାର୍ ଲାଗି ସର୍‌କାର୍ ସବୁ ପଦକ୍ଷେପ୍ ନେଇଛନ୍ ବଲି କହିଛନ୍ ।

ସୁରଭି -୨୦୨୫ ଉଦ୍‌ଯାପିତ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ କେପିଟାଲ୍ ହାଇସ୍କୁଲ୍ ପରିସର୍ ନ ଚାଲିଥିବା ରାଜ୍ୟସ୍ତରୀୟ ଶିଶୁମହୋତ୍ସବ୍ -ସୁରଭି -୨୦୨୫ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ହେଇଥିବା ଭିନ୍ ଭିନ୍ ପ୍ରତିଯୋଗିତାର୍ କୃତୀ ଛାତ୍ରଛାତ୍ରୀମାନ୍‌କୁ ମନ୍ତ୍ରୀ ଶ୍ରୀ ଗଣ୍ଡ ପୁରସ୍କୃତ୍ କରିଥିଲେ । ସେନ୍ତା ରାଜ୍ୟ ମୁକ୍ତ ବିଦ୍ୟାଳୟ ତର୍‌ଫୁ ୧୦ ଶ୍ରେଣୀ ଲାଗି ବନାହେଇଥିବା ୫ ଟା ବିଭାଗ୍‌ର ସହଜ୍ ଆଉ ସଂକ୍ଷିପ୍ତ ବହିକେ ମନ୍ତ୍ରୀ ଶ୍ରୀ ଗଣ୍ଡ ଉନ୍ମୋଚନ୍ କରିଛନ୍ ।

ବର୍‌ଗଡ୍ ଧାନ୍‌ଘିନା        ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲା ନ ଆଏବା ୨୮ ତାରିଖ୍‌ନୁ ଖରିଫ୍ ଧାନ୍ ଘିନା ମୁଲ୍ ହେବା । ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା ଜିଲ୍ଲାସ୍ତରୀୟ ଧାନ୍ ସଂଗ୍ରହ କମିଟି ବୈଠକ୍‌ଥି ଇ ବାବ୍‌ଦେ ଧାରିଜ୍ କରାଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ, ଜିଲ୍ଲାର୍ ୧୨ ଟା ବ୍ଲକ୍ ନୁ ୨ ଶହ ୧୦ ଟା ମଣ୍ଡି ଜରିଏ ଧାନ୍ ଘିନ୍‌ବାର୍ ବ୍ୟବସ୍ଥା କରାଯାଇଛେ । ଚାଷୀମାନେ କେନ୍ତାକରି ସୁବିଧାଥି ଧାନ୍ ବିକିପାର୍‌ବେ, ସେଥିର୍‌ଲାଗି ଆବଶ୍ୟକ୍ ତୟାରି କର୍‌ବାର୍‌କେ ଜିଲ୍ଲାସ୍ତରୀୟ

ଅଧିକାରୀମାନ୍‌କୁ ଜିଲ୍ଲାପାଳ୍ ନିର୍ଦ୍ଦେଶ୍ ଦେଇଛନ୍ । ପ୍ରଶାସନିକ୍ ଆଦେଶ୍‌ର ଖିଲାପ୍ କଲେ ଅଧିକାରୀ, ମିଲର୍ସ କି ଦଲାଲ୍ ସମ୍‌କର୍ ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଜିଲ୍ଲାପାଳ୍ କହିଛନ୍ । ବୈଠକ୍‌ଥି ବର୍‌ଗଡ୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍‌ଙ୍କର୍ ସହେତେ ବିଧାୟକ୍‌ମାନେ ଆଉ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଇକୋ ରିଟ୍ରିଟ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ଆଏଜ୍‌ଠାନୁ ହୀରାକୁଦ୍ ସହେତେ ଭିତର୍‌କନିକା, ସାତକୋଶିଆ, ଦାରିଙ୍ଗ୍‌ବାଡ଼ି, ସୋନାପୁର୍ ଆଉ ପୁଟ୍‌ସିଲ୍ ଇକୋ ରିଟ୍ରିଟ୍‌ର ଶୁଭାରମ୍ଭ ହେବା । ଇକୋରିଟ୍ରିଟ୍‌ଥି ସାମିଲ୍ ହେବାର୍‌କେ ଅନ୍‌ଲାଇନ୍ ଜରିଏ ବହୁତ୍ ପର୍ଯ୍ୟଟକ୍ ବୁକିଂ କରିଥିବା ଜନାପଡ଼ିଛେ ।

ଏକଲବ୍ୟ ସ୍କୁଲ୍ କ୍ରୀଡ଼ା          I&PR

ରାଉର୍‌କେଲା ସହେତେ ସୁନ୍ଦର୍‌ଗଡ୍ ଆଉ ରାଜ୍‌ଗାଙ୍ଗ୍‌ପୁର୍ ନ ଚାଲିଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ କ୍ରୀଡ଼ା ଉତ୍ସବ୍ ଆଏଜ୍ ଉଦ୍‌ଯାପିତ୍ ହେବା । ରାଉର୍‌କେଲା ବିର୍ସାମୁଣ୍ଡା ଷ୍ଟାଡ଼ିୟମ୍ ନ ହେବାର୍‌କେ

ଥିବା ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । କେନ୍ଦ୍ର ଜନଜାତି ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍, ଓଡ଼ିଶା ବିଧାନ୍‌ସଭା ଉପବାଚସ୍ପତି ଭବାନୀ ଶଙ୍କର୍ ଭୋଇଙ୍କର୍ ସହେତେ ବିଧାୟକ୍‌ମାନେ ଭିଲ୍ ଉପସ୍ଥିତ୍ ରହେବେ ।

ମତ୍ସ୍ୟ, ପ୍ରାଣୀପାଲନ୍ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଜୁନାଗଡ୍ ବ୍ଲକ୍ ନ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ମେଳା ଆୟୋଜିତ୍ ହେଇଛେ । କାର୍ଯ୍ୟକ୍ରମ୍‌ରେ ଜନପ୍ରତିନିଧି ଆଉ ମତ୍ସ୍ୟ ଆଉ ପ୍ରାଣୀପାଲନ୍ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇକରି ମାଛ୍ ଚାଷ୍ ଆଉ ପ୍ରାଣୀପାଲନ୍‌ର୍ ମହତ୍ୱ ବାବ୍‌ଦେ ବୁଝେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟକେ ଉତର୍ ଦିଗୁ ସୁଖା ପବନ୍ ଆସୁଥିବାର୍‌ନୁ ଭିନ୍ ଭିନ୍ ଜାଗା ନ ରାତିର୍ ତାପମାତ୍ରା ୩/୪ ଡିଗ୍ରୀ ତକ୍ କମିଛେ । ଆଏବା ୨ ଦିନ୍ ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ ୨ ନୁ ୩ ଡିଗ୍ରୀ ତକ୍ ତାପମାତ୍ରା ବଢ଼୍‌ବାର୍ ସହେତେ ଶୀତ୍ ସାମାଏନ୍ କମ୍‌ବା ବଲି ଭୁବ୍‌ନେଶ୍ୱର୍

ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତରଫ୍ରୁ ଅନୁମାନ୍ କରାଯାଇଛେ । ରାଜ୍ୟର ବଡ଼ଭାଗୀ ଜାଗା ନ ରାତିର୍ ତାପମାତ୍ରା ୧୫ ଡିଗ୍ରୀ ତଲେ ରହିଛେ ।